# ସାନ ସିନା, ଦାନ ତା' ମହାନ



ଆଜକୁ ପ୍ରାୟ ଆଠଶହ ବର୍ଷ ତଳର କଥା । ଲାଙ୍ଗୁଳା ନରସିଂହ ଦେବ ନାମରେ ଜଣେ ରାଜା ଓଡ଼ିଶାରେ ରାଜୁତି କରୁଥାଆନ୍ତି । ସେ ସୂର୍ଯ୍ୟଙ୍କର ପୂଜାପାଇଁ ସୁନ୍ଦର ମନ୍ଦିରଟିଏ ତୋଳାଇବାକୁ ଇଚ୍ଛାକଲେ। ରାଜାଙ୍କ ଆଦେଶରେ ସାରା ରାଜ୍ୟର ଅନେକ କାରିଗର ଆସି ଠୁଳ ହେଲେ। ସେମାନଙ୍କ ଭିତରୁ ବାରଶହ ଭଲଭଲ କାରିଗରଙ୍କୁ ବଛା ଗଲା।

ସେତେବେଳେ ପଥରରେ ସୁନ୍ଦର କାମ କରି ଓଡ଼ିଶାର କାରିଗରମାନେ ନାଁ କରିଥିଲେ। ସେତେବେଳେ ତ ସିମେଣ୍ଟ ନ ଥାଏ। ପଥରକୁ ଯୋଡ଼ିବା ପାଇଁ ଏକପ୍ରକାର ଚୂନ ବ୍ୟବହାର କରାଯାଉଥିଲା।



ସମୁଦ୍ର କୂଳରେ ଚନ୍ଦ୍ରଭାଗା ନଦୀ ମୁହାଣରେ ଏହି ମନ୍ଦିର ତୋଳା ହେଲା। ମନ୍ଦିରଟି ତିଆରି ହେଲା ଗୋଟିଏ ରଥ ଆକାରରେ । ସେଥିରେ ସାତଟି ପଥରଘୋଡ଼ା ଯୋଖା ହେଲା। ମନ୍ଦିରର ସିଂହାସନରେ ରହିଲା ସୂର୍ଯ୍ୟଙ୍କର ପ୍ରତିମା । ପୂର୍ବ ଦିଗରେ ସୂର୍ଯ୍ୟ ଉଇଁଲା ମାତ୍ରେ ପ୍ରଥମ କିରଣ ସୂର୍ଯ୍ୟମୂର୍ତ୍ତିର ପାଦତଳେ ପଡୁଥିଲା। ଏହି ମନ୍ଦିର ନିର୍ମାଣରେ ଓଡ଼ିଶାର ବାର ବର୍ଷର ରାଜସ୍ୱ ଖର୍ଚ୍ଚ ହୋଇଥିଲା।

ଆସ୍ତେଆସ୍ତେ ମନ୍ଦିର, ନାଟ ମନ୍ଦିର, ମୁଖଶାଳା ଆଦି ତିଆରି ସରିଥାଏ। ଗଛଲତା, ଫୁଲଫଳ, ହାତୀଘୋଡ଼ା ଆଦି ଜୀବଜନ୍ତୁ, ଦେବଦେବୀ, ମନୁଷ୍ୟ ପ୍ରଭୃତି ମୂର୍ତ୍ତିରେ ମନ୍ଦିର ଝଲମଲ କରୁଥାଏ। ତଥାପି ମନ୍ଦିରଟି ସମ୍ପୂର୍ଣ୍ଣ ହୋଇପାରୁ ନ ଥାଏ। କାରିଗରମାନେ ଯେତେ ଥର ମନ୍ଦିର ଉପରେ



ଦଧିନଉତିକୁ ବସାଉଥାଆନ୍ତି, ତାହା ଖସି ପଡୁଥାଏ । ମୁଖ୍ୟ କାରିଗର ଥାଆନ୍ତି ବିଶୁ ମହାରଣା । ସେ ତାଙ୍କର ସବୁ ବିଦ୍ୟାବୁଦ୍ଧି ଖଟାଇ ମଧ୍ୟ ମନ୍ଦିରର ଦଧିନଉତିକୁ ବସାଇ ପାରୁ ନ ଥାଆନ୍ତି । ଦଧିନଉତିକୁ ବସାଇ ସାରିବା ପରେ ହିଁ ମନ୍ଦିର କାମ ଶେଷ ହେବ ।

ଏଣେ ରାଜା ଅଧୀର ହୋଇ ପଡ଼ିଲେଣି । ସେ ବିଶୁ ମହାରଣାଙ୍କୁ ଡକାଇ କହିଲେ, ''ମୁଁ ଆଉ ସାତଦିନମାତ୍ର ସମୟ ଦେଉଛି । ଏହାରି ଭିତରେ ଦେଉଳର ମୁଣ୍ଡିମାରିବ, ନ ହେଲେ ବାରଶହ କାରିଗରଙ୍କର ମୁଣ୍ଡ କାଟ ହେବ ।''



ବିଶୁ ମହାରଣା ମନ ଦୁଃଖରେ ଫେରି ରାଜାଙ୍କର ଆଦେଶ କାରିଗର ଭାଇମାନଙ୍କୁ ଜଣାଇଦେଲେ । ସମସ୍ତଙ୍କ ମୁହଁ ଶୁଖିଗଲା । ଘରଦ୍ୱାର ଛାଡ଼ି ବାରବର୍ଷ କାଳ ଲାଗି ଏଡ଼େ ବଡ଼ ମନ୍ଦିରଟିଏ ତୋଳିଲେ; ଅଥଚ ମନ୍ଦିରର ଦଧିନଉତି ଖଞ୍ଜାଯାଇ ପାରୁନାହିଁ । ସେଥିପାଇଁ ସମସ୍ତଙ୍କ ମୁଣ୍ଡକାଟ ହେବ ।

ବିଶୁ ମହାରଣା ଦେଉଳ ତୋଳିବାକୁ ଘରୁ ଆସିବାବେଳେ ତାଙ୍କର ପୁଅଟିଏ ହୋଇଥାଏ । ପୁଅର ନାଆଁ ଦିଆ ହୋଇଥାଏ 'ଧର୍ମପଦ' । ଡାକ ନାଆଁ ଧରମା । ତାକୁ ଯେତେବେଳେ ବାର ବର୍ଷ, ସେ ବାପାଙ୍କପାଖକୁ ଯିବାପାଇଁ ଅଳିକଲା । ଧରମାକୁ ଏକୁଟିଆ ଛାଡ଼ିବା ପାଇଁ ମାଆ ପ୍ରଥମେ ଅମଙ୍ଗ ହେଉଥିଲେ; ମାତ୍ର ଯିବାପାଇଁ ପୁଅର ଜିଗର ଦେଖି ମନାକରି ପାରିଲେ ନାହିଁ । ଧରମାକୁ କାଳେ ଏତେଦିନ ପରେ ବିଶୁ ଚିହ୍ନି ପାରିବେ ନାହିଁ, ସେଥିପାଇଁ ସାଥିରେ ବାଡ଼ି ବରକୋଳି କିଛି ଦେଇଥା'ନ୍ତି ।



ଧରମା ପଚାରି ପଚାରି କୋଣାର୍କ ଗଲା ଓ ବିଶୁ ମହାରଣାଙ୍କୁ ଠାବ କଲା । ବିଶୁ ମହାରଣା ନିଜ ବାଡ଼ି ବରକୋଳି ଦେଖି ପୁଅକୁ ଚିହ୍ନି ପାରିଲେ । ଆନନ୍ଦରେ ତାକୁ କୁଣ୍ଢାଇ ପକାଇଲେ ।

ଧରମା ଦେଖିଲା, ବାପାଙ୍କ ମନରେ ସୁଖ ନାହିଁ । ସେ ତାହାର କାରଣ ପଚାରି ବୁଝିଲା । ରାତି ପାହିଲେ ବିଶୁ ମହାରଣା ସହିତ ବାରଶହ କାରିଗରଙ୍କର ମୁଣ୍ଡ କାଟ ହେବ । ଏକଥା ଜାଣି ଧରମାର ମନ ବିକଳ ହୋଇ ଉଠିଲା ।

ଧରମା ବି କାରିଗର କୁଳର ପିଲା । ତାକୁ ମଧ୍ୟ କାରିଗରୀ ବିଦ୍ୟା ଜଣା ଥିଲା । ଦଧିନଉତି ବସାଇ ମନ୍ଦିରର ମୁଣ୍ଡି ମାରିପାରିବ ବୋଲି ଧରମାର ସାହସ ହେଲା । ସେ ବାପାଙ୍କ ଠାରୁ ଅନୁମତି ନେଇ ମନ୍ଦିରଚୂଳକୁ ଉଠିଲା । ରାତାରାତି ମାପଚୁପ କରି ଦଧିନଉତି ବସାଇ ଦେଲା । ସକାଳ ହେବା ଆଗରୁ ଦେଖାଗଲା ମନ୍ଦିର କାମ ଶେଷ ।



ବିଶୁ ମହାରଣା ପୁଅର କାମ ଦେଖି ଆନନ୍ଦରେ ଫାଟି ପଡ଼ିଲେ । ତାକୁ କୋଳକୁ ନେଇ କହିଲେ, ''ଏଡ଼େ ସାନ ପିଲାଟିଏ ହୋଇ ମଧ୍ୟ ତୁ ଆଜି ଆମର ମାନ ରଖିଦେଲୁ ।''

ଅନ୍ୟ କାରିଗରମାନେ ବିଶୁ ମହାରଣାଙ୍କ ପାଖକୁ ଆସି କହିଲେ, ''ରାଜା ଏବେ ଜାଣିବେ, ବାରଶହ ବଢ଼େଇ ଯାହା କରିପାରିଲେ ନାହିଁ, ତାହା ସାମାନ୍ୟ ବାର ବର୍ଷର ପିଲାଟିଏ କରିଦେଇଛି । ସେ ନିଶ୍ଚୟ ଆମ୍ଭମାନଙ୍କର ମୁଣ୍ଡ କାଟର ଆଦେଶ ଦେବେ । ତେଣୁ ତୁମକୁ ଆଜି ସ୍ଥିର କରିବାକୁ ହେବ, ଆମେ ରହିବୁ ନା ତୁମ ପୁଅ ରହିବ ? ତୁମେ ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ ?''

ବିଶୁ ମହାରଣା ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲେ । ପୁଅ ପାଇଁ କ'ଣ ବାରଶହ ବଢ଼େଇ ମରିବେ !

ଏକଥା ଶୁଣି ଧରମା ତା'ର ବାପାଙ୍କୁ କହିଲା, ''ବାପା, ମୋ ପାଇଁ ଆଜି ବାରଶହ ବଢ଼େଇଙ୍କର ଜୀବନ ଯିବ, ଏହା ଭଲ କଥା ନୁହେଁ । ମୁଁ ତ ଗୋଟିଏ ଛୋଟିଆ ପିଲା । ମୁଁ ଏକୁଟିଆ ବଞ୍ଚିରହି କି ଲାଭ ? ମୋ ଜୀବନ ପଛେ ଯାଉ, ହେଲେ ବାରଶହ କାରିଗରଙ୍କ ଜୀବନ ରହୁ । ମୁଁ ଯେ ମନ୍ଦିର ମୁଣ୍ଡି ମାରିଛି, ଏକଥା ରାଜା ନ ଜାଣନ୍ତୁ ।''



ଏକଥା ଶୁଣି ବିଶୁ ପୁଅକୁ କୁଣ୍ଢାଇ ପକାଇଲେ । ତାଙ୍କ ଆଖିରୁ ଲୁହ ଝରିଗଲା । ବାପାଙ୍କ ଆଖିରୁ ଲୁହ ପୋଛି ଦେଇ ଧରମା କହିଲା, ''ବାପା, ଜନ୍ମ ହେଲେ ଦିନେ ନା ଦିନେ ମରିବାକୁ ହେବ । ମହତ୍ କାର୍ଯ୍ୟରେ ଜୀବନ ଦେବା କେତେ ଜଣଙ୍କ ଭାଗ୍ୟରେ ଘଟେ ? ଆଜି ଆମର ପରୀକ୍ଷାର ବେଳ । ଏତେବେଳେ ମୋ ପାଇଁ ଚିନ୍ତା କରି ତୁମେ ଅଧୀର ହୁଅ ନାହିଁ । ମୋତେ ହସିହସି ବିଦାୟ ଦିଅ ।'' ପୁଅର କଥା ଶୁଣି ବିଶୁ ମହାରଣାଙ୍କ ମୁହଁରୁ କଥା ବାହାରୁ ନ ଥାଏ । ଧର୍ମପଦ ବାପାଙ୍କ ପାଦତଳେ ମୁଣ୍ଡ ଲଗାଇ କହିଲା, "ମାଆଙ୍କ ସହିତ ଆଉ ଦେଖା ହୋଇପାରିବ ନାହିଁ । ତାଙ୍କୁ ବୁଝାଇ କହିବ, ତାଙ୍କ ପୁଅ ଜାତି ପାଇଁ ଜୀବନ ଦେଇଛି ।" ଏତକ କହି

ଆଉ ତିଳେ ମାତ୍ର ଅପେକ୍ଷା ନ କରି ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ସେ ମନ୍ଦିର ଉପରକୁ ଚଢ଼ିଗଲା । ସେଇଠାରୁ ସେ ହସି ହସି ଚନ୍ଦ୍ରଭାଗା ନଦୀ ମଝିକୁ ଡେଇଁ ପଡ଼ିଲା ।



ଆଜି ଧର୍ମପଦ ନାହିଁ । କୋଣାର୍କ ମନ୍ଦିର ମଧ୍ୟ ଭଗ୍ନ ଅବସ୍ଥାରେ । କିନ୍ତୁ ବାରବର୍ଷର ପିଲାଟିଏ ଜାତି ପାଇଁ, ଦେଶ ପାଇଁ ଯାହା କରିଗଲା ତାହା କାଳକାଳକୁ ରହିଗଲା । ଏବେବି ସମସ୍ତେ କହନ୍ତି :

''ସାନ ସିନା, ଦାନ ତା' ମହାନ'' ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ତିଳେମାତ୍ର | ଦଧିନଉତି | ମୁହାଣ | ଠୁଳ | ଅଳି |
| ଦ୍ୱନ୍ଦ୍ୱ | ରାଜସ୍ୱ | ମୁଖ୍ୟ | ଅମଙ୍ଗ | ଠାବ |
| ଜିଗର | କାଳକାଳ | ବିଚଳିତ | ଭଗ୍ନ | ଦାୟ |

## ଶିକ୍ଷକଙ୍କପାଇଁ ସୂଚନା

- ସାନ ପିଲାଟିଏ ମଧ୍ୟ ବଡ଼ କାମ କରିପାରେ, ଏ ବିଶ୍ୱାସ ପିଲାଙ୍କୁ ପ୍ରଦାନ କରିବେ ଓ ଅନ୍ୟ ସାନପିଲାଙ୍କ ମହତକାମ ବିଷୟରେ ଆଲୋଚନା କରିବେ ।
- ଆମ ଗୌରବମୟ ଇତିହାସ, ସଂସ୍କୃତି ଓ କଳା ସମ୍ବନ୍ଧରେ ବର୍ଣ୍ଣନା କରିବେ।
- କୋଣାର୍କର ଘୋଡ଼ା ଓ ଚକ୍ର ଆମ ରାଜ୍ୟର ପ୍ରତୀକ, ଏହା ପିଲାଙ୍କୁ ବୁଝାଇବେ।




୧. ଆସ ଠିକ୍ ଉତ୍ତରଟି ବାଛିବା ଏବଂ ତା ପାଖରେ (√) ଚିହ୍ନ ଦେବା ।

(କ) ରାଜା ନରସିଂହ ଦେବ କାହାର ପୂଜା ପାଇଁ ମନ୍ଦିରଟିଏ ତୋଳାଇବାକୁ ଚାହିଁଲେ ?

(୧) ଶିବଙ୍କ ପୂଜା ପାଇଁ
(୨) ସୂର୍ଯ୍ୟଙ୍କ ପୂଜା ପାଇଁ
(୩) କୃଷ୍ଣଙ୍କ ପୂଜା ପାଇଁ
(୪) ଚନ୍ଦ୍ରଙ୍କ ପୂଜା ପାଇଁ

(ଖ) ମନ୍ଦିରଟି କେଉଁଠି ତୋଳା ହେଲା ?

(୧) ମହାନଦୀ ମୁହାଣରେ
(୨) ଚନ୍ଦ୍ରଭାଗା ମୁହାଣରେ
(୩) ବ୍ରାହ୍ମଣୀ କୂଳରେ
(୪) ବୈତରଣୀ କୂଳରେ

(ଗ) ମନ୍ଦିରଟିର ଆକାର କିପରି ?

(୧) ଘୋଡ଼ା ପରି
(୨) ବିମାନ ପରି
(୩) ରଥ ପରି
(୪) ଦୁର୍ଗ ପରି

(ଘ) କାହା ପାଇଁ ଧରମା ଜୀବନ ଦେଲା ?

(୧) ଲୋକମାନଙ୍କ ପାଇଁ
(୨) ରାଜାଙ୍କ ପାଇଁ
(୩) ଜାତିଭାଇଙ୍କ ପାଇଁ
(୪) ବାପାଙ୍କ ପାଇଁ

(ଙ) 'ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ', କିଏ କହିଥିଲେ ଏ କଥା ?

(୧) ରାଜା
(୨) ଧରମା
(୩) ବାରଶହ ବଢ଼େଇ
(୪) ବିଶୁ ମହାରଣା

୨. ''ସାନ ସିନା ଦାନ ତା' ମହାନ''।

(କ) ଏ କଥା କିଏ କହନ୍ତି ?

(ଖ) କାହାକୁ ସାନ ବୋଲି କୁହାଯାଇଛି ?

(ଗ) ସାନ ପିଲାଟିର ମହାନ୍ ଦାନଟି କ'ଣ ?

୩. ଆସ ଆମେ ନିଜେ ନରସିଂହ ଦେବ, ବିଶୁ ମହାରଣା ଓ ଧରମା ହୋଇ ସେମାନେ ଏଇ ଗଳ୍ପରେ ଯାହା କହିଛନ୍ତି, ତାହା ଅଭିନୟ କରିବା ।

୪. ତଳେ କହିଥିବା କଥାକୁ କିଏ କହିଛନ୍ତି ? କାହିଁକି କହିଛନ୍ତି ?

(କ) "ମୁଁ ସାତ ଦିନ ସମୟ ଦେଉଛି" ______________________।

(ଖ) "ତୁ ଆଜି ଆମର ମାନ ରଖିଦେଲୁ" ______________________।

(ଗ) "ମହତ କାର୍ଯ୍ୟରେ ଜୀବନ ଦେବା କେତେଜଣଙ୍କ ଭାଗ୍ୟରେ ଘଟେ ?" __________।

(ଘ) "ସେ ନିଶ୍ଚୟ ଆମ୍ଭମାନଙ୍କର ମୁଣ୍ଡ କାଟପାଇଁ ଆଦେଶ ଦେବେ।" __________।

୫. ଚିତ୍ରଟିକୁ ଦେଖି ତଳ ଶବ୍ଦଗୁଡ଼ିକୁ ବ୍ୟବହାର କରି ମନ୍ଦିର ବିଷୟରେ ପାଞ୍ଚ ଧାଡ଼ି ଲେଖ।



| ମୁଖଶାଳା, ମୁହାଣ, ମୁଣ୍ଡି, ଝଲମଲ, ପ୍ରତିମା |
|---|

୬. ମୂଷାଟି କାହାକୁ କେଉଁ ବେଲୁନ୍‌ଟି ଦେଲେ, ସେ ଗୋଟିଏ ଲେଖାଏଁ ଉପଯୁକ୍ତ ଯୋଡ଼ା ଶବ୍ଦ ପାଇବ ?

ଯେପରି – ନଦୀ **ନାଳ**

ଫୁଲ

ଜୀବ

ହାତୀ

ବିଦ୍ୟା




୭. ଯେଉଁ ଶବ୍ଦ ତଳେ ଗାର ଅଛି ତାକୁ ଲଗାଇ ନୂଆ ବାକ୍ୟଟିଏ କହ ଓ ଲେଖ ।

(କ) ସେତେବେଳେ ତ ସିମେଣ୍ଟ ନ ଥାଏ । ________________

(ଖ) ତଥାପି ମନ୍ଦିରଟି ସଂପୂର୍ଣ୍ଣ ହେଉ ନ ଥାଏ । ________________

(ଗ) ତାକୁ ମଧ୍ୟ କାରିଗରୀ ବିଦ୍ୟା ଜଣାଥିଲା । ________________

୮.

| | ମନ୍ଦିରର ନାମ | ଯିଏ ତୋଳାଇଥିଲେ |
|---|---|---|
| ଯେପରି – | କୋଣାର୍କ ମନ୍ଦିର | ନରସିଂହ ଦେବ |
| ସେହିପରି – | ଜଗନ୍ନାଥ ମନ୍ଦିର | ________ |
| | ଲିଙ୍ଗରାଜ ମନ୍ଦିର | ________ |

୯. ତୁମକୁ ଏଇ ଗପରେ କାହା କଥା ଭଲ ଲାଗୁଛି ଓ କାହିଁକି ଭଲ ଲାଗୁଛି ଲେଖ ।

________________________________

________________________________

୧୦. ଧରମା ଜାତିପାଇଁ, ଦେଶପାଇଁ ଜୀବନ ଦେଲା । ତୁମେ ଦେଶପାଇଁ କ'ଣ କରିବାକୁ ଚାହୁଁଛ ଲେଖ ।

________________________________

________________________________

________________________________

୧୧. ''ମାଆଙ୍କ ସହିତ ଆଉ ଦେଖା ହୋଇପାରିବ ନାହିଁ। ତାଙ୍କୁ ବୁଝାଇ କହିବ ତାଙ୍କ ପୁଅ ଜାତି ପାଇଁ ଜୀବନ ଦେଇଛି।'' ଏ କଥା କିଏ କହିଛି ?

ଜାତିପାଇଁ ପ୍ରାଣ ଦେଇଥିବା ଆଉ କେତେ ଜଣ ପିଲାଙ୍କ ନାମ ଲେଖ।

୧୨. ଅଧା ଗଢ଼ା ମନ୍ଦିରଟିକୁ ଆସ ପୂର୍ଣ୍ଣାଙ୍ଗ ମନ୍ଦିର କରିବା ।

